# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**21 March – 2025**

## ସକାଳୁଆ ସ୍କୁଲ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଜିଠାରୁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସକାଳ ପାଠପଢ଼ା ଆରମ୍ଭ ହୋଇଛି । ସକାଳ ୬ଟା ୩୦ରୁ ୧୦ଟା ୩୦ ପର୍ଯ୍ୟନ୍ତ ବିଦ୍ୟାଳୟରେ ପାଠପଢ଼ା ସମୟ ଧାର୍ଯ୍ୟ କରାଯାଇଛି । ଏ ସମ୍ପର୍କରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି...

**V/o**

## ହାଇକୋର୍ଟ-ଜବରଦଖଲ

ରାଜ୍ୟରେ ଜବରଦଖଲ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାଜସ୍ୱ ବିଭାଗ ଯୋଜନା ପ୍ରସ୍ତୁତ କରିବାକୁ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ବିଚାରପତି ଜଷ୍ଟିସ ଏସ୍.କେ.ପାଣିଗ୍ରାହୀ ଏକ ମାମଲାର ବିଚାର କରି କହିଛନ୍ତି ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଗୁଡ଼ିକରେ ଜବରଦଖଲ ସମସ୍ୟାର ସମାଧାନ ସମ୍ପର୍କରେ ବିସ୍ତୃତଭାବେ ଅଦାଲତକୁ ଜଣାଇବା ପାଇଁ ୧୦ଦିନ ସମୟ ଦିଆଯାଇଛି ।

# ଦକ୍ଷତା ବିକାଶ କେନ୍ଦ୍ର

ରାଜ୍ୟରେ ଆଉଏକ ଦକ୍ଷତା ବିକାଶ କେନ୍ଦ୍ର ଖୋଲିବ ବୋଲି କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ତି । ଲୋକସେବା ଭବନରେ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌଧୁରୀ ସୌଜନ୍ୟମୂଳକ ସାକ୍ଷାତ୍ କରି ରାଜ୍ୟରେ ବିଭିନ୍ନ କେନ୍ଦ୍ରୀୟ ଯୋଜନାର କାର୍ଯ୍ୟକାରୀତା ଉପରେ ଆଲୋଚନା କରିବା ଅବସରରେ ଏହା କହିଛନ୍ତି । ରାଜ୍ୟର ଆଇଟିଆଇ ଗୁଡ଼ିକୁ ଅଧିକ ସୁଦୃଢ଼ କରିବା, ଅଧିକ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାପନ, ଦକ୍ଷତା ବିକାଶ ଶିକ୍ଷାର୍ଥୀଙ୍କ ପାଇଁ ବହୁଭାଷୀ ପ୍ରଶିକ୍ଷଣ କେନ୍ଦ୍ର, ଜନଜାତି ବହୁଳ ଅଞ୍ଚଳରେ ଯୁବଗୋଷ୍ଠୀଙ୍କ ଦକ୍ଷତା ବିକାଶ ପାଇଁ ପିଏମ୍ ଜନମନ ଯୋଜନାରେ ଆଇଟିଆଇକୁ ଅନ୍ତର୍ଭୁକ୍ତ କରିବା ନେଇ ଶ୍ରୀ ଚୌଧୁରୀ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ।

# ସହରାଞ୍ଚଳ ପରିମଳ ବ୍ୟବସ୍ଥା

ସହରାଞ୍ଚଳରେ ପରିମଳ ବ୍ୟବସ୍ଥାର ଉନ୍ନତି ପାଇଁ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ପାଞ୍ଚଟି ନଗର ନିଗମ ପୁରୀ-କୋଣାର୍କ କ୍ଲଷ୍ଟର ଏବଂ ବୌଦ୍ଧଗଡ-ସୋନପୁର କ୍ଲଷ୍ଟରରେ ବାୟୋ ଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବା ନେଇ ଏହି ବୈଠକରେ ସମୀକ୍ଷା କରାଯାଇଥିଲା । ପୌର ନିଗମ ଏବଂ ମନୋନୀତ ପୌରପାଳିକାରେ

ସମନ୍ୱିତ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କମ୍ପ୍ଲେକ୍ସ ସ୍ଥାପନ କରିବାକୁ ମନ୍ତ୍ରୀ ଶ୍ରୀ ମହାପାତ୍ର ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

## ଓଡ଼ିଶା ଦିବସ-ବୈଠକ

ଚଳିତବର୍ଷ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ କଟକ ଜିଲ୍ଲା ସାଲେପୁର ଅନ୍ତର୍ଗତ ସତ୍ୟଭାମାପୁରଠାରେ ପାଳନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଅନୁଷ୍ଠିତ ଗତକାଲିର ହୋଇଥିବା ନିଷ୍ପତ୍ତି ଅନୁସାରେ ରାଜଧାନୀ ଭୁବନେଶ୍ୱର ସମେତ ନୂଆଦିଲ୍ଲୀ, କୋଲକାତା, ମୁମ୍ବାଇ, ଚେନ୍ନାଇ ଏବଂ ରାଜ୍ୟର ବିଭିନ୍ନ ରାଜସ୍ୱ ଡିଭିଜନ, ଜିଲ୍ଲା ଓ ଉପଖଣ୍ଡ ସଦର ମହକୁମାରେ ଏହାକୁ ଉତ୍ସାହର ସହ ଅପ୍ରେଲ ପହିଲାରେ ପାଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି ।

## ତଳ ବର୍ଥ ବ୍ୟବସ୍ଥା

ବରିଷ୍ଠ ନାଗରିକ, ମହିଳା ଏବଂ ଦିବ୍ୟାଙ୍ଗମାନେ ଟ୍ରେନ୍‌ରେ ଯାତ୍ରା କରିବା ସମୟରେ ସେମାନଙ୍କୁ ତଳ ସିଟ୍ ବ୍ୟବସ୍ଥା କରିବା ପାଇଁ ରେଳବିଭାଗ ପଦକ୍ଷେପ ନେଇଛି । କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲୋକସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ଏ ସମ୍ପର୍କରେ କହିଛନ୍ତି ବରିଷ୍ଠ ନାଗରିକ, ୪୫ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ମହିଳା ଯାତ୍ରୀ, ଗର୍ଭବତୀ ଏବଂ

ଦିବ୍ୟାଙ୍ଗମାନଙ୍କ ପାଇଁ ତଳ ସିଟ୍ ଆବଣ୍ଟନ କରିବା ପାଇଁ ପଦକ୍ଷେପ ନିଆଯାଉଛି ।

## ତାଲିମ ଶିବିର

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ସହିଦ ଲକ୍ଷ୍ମଣ ନାଏକ ପୌର ଉଚ୍ଚ ବିଦ୍ୟାଳୟରେ ତିନିଦିନିଆ ରାଜ୍ୟସ୍ତରୀୟ କନିଷ୍ଠ ରେଡକ୍ରସ ଆବାସିକ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୧୯ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଏହି ଶିବିରରେ ଯୋଗଦେଇଥିଲେ ।

## ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଗଣିଜାଙ୍ଗ ପଞ୍ଚାୟତ ଇଚ୍ଛାପୁର ପ୍ରାଥମିକ ବିଦ୍ୟାଳୟରେ ନିପୁଣ ଓଡ଼ିଶାର ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାଦାନର ଶିକ୍ଷଣୀୟ ଉପକରଣ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ପାଇଁ ଶିକ୍ଷାବିତ୍‌ମାନେ ବୈଠକରେ ମତପ୍ରକାଶ କରିଥିଲେ ।

## ବିଶ୍ୱ ଜଙ୍ଗଲ ଦିବସ

ଜଙ୍ଗଲ ସମ୍ପଦର ସୁରକ୍ଷା, ସଂରକ୍ଷଣ ଏବଂ ପୁନରୁଦ୍ଧାରକୁ ନେଇ ଲୋକମାନଙ୍କ ଭିତରେ ସଚେତନ ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ଜଙ୍ଗଲ ଦିବସ ଭାବେ ପାଳନ କରାଯାଉଛି । ଚଳିତବର୍ଷର ବାର୍ତ୍ତା ରହିଛି 'ଜଙ୍ଗଲ ଏବଂ ଖାଦ୍ୟ' । ଜଙ୍ଗଲ ବିନା ଜୀବନ ଅସମ୍ଭବ । ହେଲେ ବିଗତ କିଛିବର୍ଷ ହେଲା ଜଙ୍ଗଲ କ୍ଷୟ ଯୋଗୁଁ ଜଳବାୟୁ ପରିବର୍ତ୍ତନ, ମୃତ୍ତିକା କ୍ଷୟ, ବନ୍ୟା, ମରୁଡି ଭଳି ଅନେକ ସମସ୍ୟା ଦେଖାଦେଉଛି । ଜଙ୍ଗଲରେ ଲାଗୁଥିବା

ନିଆଁ ଯୋଗୁଁ ବନ୍ୟ ସମ୍ପଦ ଏବଂ ବନ୍ୟପ୍ରାଣୀ ଧ୍ୱଂସ ପାଉଛନ୍ତି, ଯାହାର ପ୍ରଭାବ ଜୈବ ବିବିଧତା ଉପରେ ଦେଖାଦେଉଛି । ପରିବେଶ ସନ୍ତୁଳନ ରକ୍ଷା କରିବା, ଜଳବାୟୁ ପରିବର୍ତ୍ତନକୁ ରୋକିବା ସହ ଜୀବନକୁ ସୁନ୍ଦର ଆଉ ସବୁଜିମାରେ ଭରିବା ପାଇଁ ନୂତନ ଜଙ୍ଗଲ ସୃଷ୍ଟି ଏବଂ ଚାରାରୋପଣ ଏକମାତ୍ର ବିକଳ୍ପ ବୋଲି ସମସ୍ତେ ଆଜିର ଦିନରେ ଶପଥ ନେବା ବାଞ୍ଛନୀୟ ।     ୨୦୧୨ ମସିହା ନଭେମ୍ବର ୨୮ ତାରିଖରେ ଜାତିସଂଘ ଅନ୍ତର୍ଜାତୀୟ ଜଙ୍ଗଲଦିବସ ପାଳନ କରିବା ଲାଗି ନିଷ୍ପତ୍ତି ନେଇଥିଲା ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମଧ୍ୟପ୍ରଦେଶରୁ ରାଜ୍ୟର ଉତ୍ତର ଭାଗକୁ ଛତିଶଗଡଦେଇ ଲମ୍ବିଥିବା ଘୂର୍ଣ୍ଣିବଳୟ ଏବଂ ନିମ୍ନଚାପ ରେଖା ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ଆଜି କାଳବୈଶାଖୀଜନିତ ବର୍ଷା ଓ ୫୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି । ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ସୁନ୍ଦରଗଡ଼ ଜିଲ୍ଲାକୁ କାଳବୈଶାଖୀ ନେଇ ସତର୍କ ସୂଚନା ଜାରି କରାଯାଇଛି । ଅନ୍ୟପକ୍ଷରେ ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକ ସମେତ ରାଜ୍ୟର ପ୍ରାୟ ଅନେକ ସ୍ଥାନରେ ଗତ ଏକ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ତାପମାତ୍ରା କ୍ରମାଗତ ବୃଦ୍ଧି ପାଇବା ପରେ ଗତକାଲି ମଧ୍ୟ ତାପମାତ୍ରା ସାମାନ୍ୟ ହ୍ରାସ ପାଇଥିଲା ।